## ନାବାଳିକା ଗର୍ଭବତୀ ଘଟଣାରେ ଜଣେ ଗିରଫ

କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ) : ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ଏକ ବାଳିକା ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀର ଅନ୍ତେବାସୀ ଗର୍ଭବତୀ ହେବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଧିରଜ ମନ୍ତ୍ରୀ (୧୯)। ଅଗଷ୍ଟ ୨୮ରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ କହିଛନ୍ତି, ଛାତ୍ରୀଙ୍କ ଚିକିତ୍ସା କରାଯାଉଛି ଏବଂ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ପ୍ରାଧାନ୍ୟ ଦିଆଯାଉଛି। ଘଟଣାର ଯାଞ୍ଚ କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଜାଲରେ ଫସିଲା ୬ ଫୁଟ ଲମ୍ବ ଅଜଗର



ନୀଳଗିରି, ୬।୯(ପ୍ରଶାନ୍ତ ବିଶ୍ୱାଳ)- ବାଲେଶ୍ୱର ଜିଲା କୁଲଡ଼ିହା ଅଭୟାରଣ୍ୟରୁ ଏକ ୬ ଫୁଟ ଲମ୍ବର ଅଜଗର ଆସି ବୁଧବାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ନିକଟ ଶ୍ରୀଦେଇପୁର ଗ୍ରାମର ଗୁରୁପ୍ରସାଦ ଗିରିଙ୍କ ଘର ବାଡ଼ିରେ ଥିବା ଜାଲରେ ଛନ୍ଦି ହୋଇପଡିଥିଲା। ଏନେଇ ଗୁରୁପ୍ରସାଦ ସାପ ଧରାଳି ତଥା ଟୁରିଷ୍ଟ ଗାଇଡ଼ ମନୋରଞ୍ଜନ ଦାସଙ୍କୁ ଖବର ଦେଇଥିଲେ। ମନୋରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ରାଜ୍ୟସ୍ତରୀୟ ହକି ମୟୂରଭଞ୍ଜରୁ ୧୪ ବାଳକ ସାମିଲ

ବାରିପଦା,୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)-ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳକ ବର୍ଗର ହକି ପ୍ରତିଯୋଗିତା ସେପ୍ଟେମ୍ବର ୭ରୁ ୧୦ ପର୍ଯ୍ୟନ୍ତ ସୁନ୍ଦରଗଡ଼ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଟିମ୍ ମ୍ୟାନେଜର ରୂପେ ରାସଗୋବିନ୍ଦପୁର ବ୍ଲକ ମାଣିଦା ହାଇସ୍କୁଲ ପିଇଟି ପ୍ରଦୀପ କୁମାର ନାୟକ ଓ ଚାନ୍ଦୁଆ ଏସ୍ଏସ୍ଡି ହାଇସ୍କୁଲର କୋଚ୍ ସଞ୍ଜିତ ବେଜଙ୍କ ନେତୃତ୍ୱରେ ୧୪ ଜଣ ବାଳକ ଯୋଗ ଦେଇଛନ୍ତି। ସେମାନେ ହେଲେ ଚାନ୍ଦୁଆ ଏସ୍ଏସ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ସାଗର ସୋରେନ, ଦୀପକ କିସ୍କୁ, ବିଷ୍ଣୁ କିସ୍କୁ, ମନୋଜ ସିଂ, ରଞ୍ଜିତ ସିଂ, ସୁମନ ଟୁଡୁ, ସୁନୀଲ ହାଁସଦା, ସଞ୍ଜୀବ ସିଂ, ଡାକ୍ତର ବେଶ୍ରା, ସୁଶାନ୍ତ ମୁର୍ମୁ , ସୁଗଦେବ ମୁର୍ମୁ , କିଶୋର ସିଂ, ମେଘରାୟ ମାରାଣ୍ଡି ଓ ବଡ଼ସାହି ବ୍ଲକ ଅନ୍ତର୍ଗତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ସତ୍ୟଜିତ ବାରିକ୍।

### କଂଗ୍ରେସ ପକ୍ଷରୁ ପଦଯାତ୍ରା ଆଜି

ପାଟଣା,୬।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟରେ ଗୁରବାର ଭାରତ ଯୋଡ଼ ଯାତ୍ରାର ପ୍ରଥମ ବାର୍ଷିକ ପୂର୍ତ୍ତି ଓ ସ୍ମୃତି ଉଦ୍ଦେଶ୍ୟରେ କଂଗ୍ରେସ ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ବୁଧବାର ବ୍ଲକ୍ କଂଗ୍ରେସ ସଭାପତି ମକୁନ୍ଦ ମହାନ୍ତଙ୍କ ଅଧ୍ୟକ୍ଷତାରେ ସାହାରପଡ଼ା ଶିବ ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିସିସି ସାମାଜିକ ଗଣମାଧ୍ୟମର ଉପାଧ୍ୟକ୍ଷ ଇଂ. ବିନୋଦ ବିହାରୀ ନାଏକ, ବରିଷ୍ଠ ଆଦିବାସୀ ନେତା ଗୌରହରି ନାଏକ, ବରିଷ୍ଠ ନେତା ଶିବ ବେହେରା, ରଥୁ ମହାନ୍ତ, ସୁନୀଲ ପାହି ପ୍ରମୁଖ ସାମିଲ ହୋଇ ପଦ ଯାତ୍ରାକୁ ସଫଳ କରିବାକୁ ମତାମତ ରଖିଥିଲେ।

# ଭୋଗରାଇରେ ଡେଙ୍ଗୁ ଅଣାୟତ୍ତ

■ପ୍ରଭାବିତ ଅଞ୍ଚଳରେ ମଶାରୀ, ଫିନାଇଲ ଓ ବ୍ଲିଚିଂ ବଣ୍ଟନ

■ଅସ୍ଥାୟୀ ଡେଙ୍ଗୁ ଚିକିତ୍ସା କେନ୍ଦ୍ର ଖୋଲାଯାଉ : କଂଗ୍ରେସ

ଭୋଗରାଇ, ୬।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଡେଙ୍ଗୁ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଡେଙ୍ଗୁ ଡେଉଁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଭୋଗରାଇରେ ଅଦ୍ୟାବଧି ଶହ ଶହ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ବେଳେ ଚଣ୍ଡୀପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି। ଏଥିପାଇଁ ଭୋଗରାଇ ଜଳେଶ୍ୱରପୁର ଓ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ରକ୍ତ ପରୀକ୍ଷା ପାଇଁ କୀଟସ୍ ନ ଥିବାରୁ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଛି। ଭୋଗରାଇ ବ୍ଲକର ୫୦ ପଞ୍ଚାୟତର ସାଢେ ୩ ଲକ୍ଷ ଜନସଂଖ୍ୟା ଥିବାବେଳେ ଦୁଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀ ଅଭାବ ଥିବାରୁ ସ୍ୱାସ୍ଥ୍ୟ ସେବା ବେହାଲ ହେଉଛି।

ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ୱାର୍ଡ଼ରେ ୫୦ ଶଯ୍ୟା ଥିବା ବେଳେ କେବଳ ଭୋଗରାଇ ବ୍ଲକରେ ୯୦ ପ୍ରତିଶତ ରୋଗୀ ସେଠାରେ ଚିକିତ୍ସା ହେଉଛନ୍ତି। ଗୁରୁତର ରୋଗୀମାନେ କଟକ, ଭୁବନେଶ୍ୱର ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ହେଉଥିବାର ସୂଚନା ମିଳିଛି। ଏଭଳି ସ୍ଥିତିରେ ମଙ୍ଗଳବାର ବିଜୁ ଜନତା ଦଳର ରାଜ୍ୟ କର୍ମକର୍ତ୍ତା ତଥା ବିଶିଷ୍ଟ ସାମାଜିକ କର୍ମୀ ବିଶ୍ୱରଞ୍ଜନ ମହାନ୍ତି ଚଣ୍ଡୀପୁର, ଗାଜିପୁର, ଜଗନ୍ନାଥପୁର, କାଁଥିଭଉଁରୀ ଗ୍ରାମ ପ୍ରଭାବିତ ଅଞ୍ଚଳରେ ନିଜ ଅର୍ଥରେ ମଶାରି, ଫିନାଇନ, ବ୍ଲିଚିଂ ବଣ୍ଟନ କରି ଗାଁ ଦାଣ୍ଡ, ଘର ଚାରିପାଖେ ସ୍ୱଚ୍ଛ ଓ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ବାଲେଶ୍ୱର ଡାକ୍ତରଖାନାରେ ଡେଙ୍ଗୁ ୱାର୍ଡ଼ରେ ଅଧିକ ଶଯ୍ୟା ନ ଥିବାରୁ ଡେଙ୍ଗୁ ରୋଗୀ ବାରଣ୍ଡାରେ ହୀନସ୍ତା ଭାବେ ଚିକିତ୍ସା ହେଉଥିବା ଅଭିଯୋଗ ହୋଇଛି। ୫-ଟି ସଚିବ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବା କହୁଥିବା ବେଳେ ବାସ୍ତବରେ ତାହା ଭିନ୍ନ ବୋଲି କଂଗ୍ରେସ କହିଛି। ଯୁଦ୍ଧକାଳୀନ ଭିତ୍ତିରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଡେଙ୍ଗୁ ଚିକିତ୍ସା କେନ୍ଦ୍ର ଖୋଲାଯିବା ସହିତ ଅଚଳ ହୋଇପଡ଼ିଥିବା ରକ୍ତ ସଂରକ୍ଷିତ ଭଣ୍ଡାର ଓ ପ୍ଲାଜମା ଅବସ୍ଥାପିତ କରାଯିବାକୁ କଂଗ୍ରେସ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ମମତା ସାହୁ, କାର୍ତ୍ତିକ ଚନ୍ଦ୍ର ପାତ୍ର, ଗୋପବନ୍ଧୁ ମହାପାତ୍ର, ରାଜେନ୍ଦ୍ର ଦଳାଇ,ଦୀପେଶ ଚନ୍ଦ୍ର ରାୟ, ଭଗବାନ ରଣା, ପ୍ରଦୀପ ମହାନ୍ତି ସହ ବହୁ ଛାମୁଆ ନେତା ଉପସ୍ଥିତ ରହି ଡେଙ୍ଗୁ ଚିକିତ୍ସା ଓ ପ୍ରତିକାର ନ କଲେ ବୃହତ୍ତର ଗଣଆନ୍ଦୋଳନ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ନେତାମାନେ ଚେତାବନୀ ଦେଇଛନ୍ତି। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା ଡେଙ୍ଗୁ ପାଇଁ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀମାନେ ଡେଙ୍ଗୁ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟ କରିବା ସହିତ ବୁଧବାରଠାରୁ ଏଡିସ୍ ମଶା ବଂଶ ନିପାତ ନିମନ୍ତେ ଧୂଆଁ ପ୍ରୟୋଗ କରାଯିବ ବୋଲି କହିଛନ୍ତି।

## ଗୁରୁ ଦିବସରେ ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ



ରେମୁଣା, ୬।୯(ରବୀନ୍ଦ୍ର ମହାକୁଡ)

ଗୁରୁ ଦିବସ ଅବସରରେ ବାଲେଶ୍ୱର ଜିଲ ଯାଦବ(ଗୋପାଳ) ମହାସଭା ତରଫରୁ ରେମୁଣାର ଜାନୁଗଞ୍ଜ ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିଦ୍ୟାଧର ଭୂୟାଁ, ପରିଚାଳନା କମିଟି ସଭାପତି ଭାଗବତ ଜେନା ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଜିଲା ଯାଦବ ମହାସଭାର କର୍ମକର୍ତ୍ତା ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ବେହେରା, ମନୋଜ କୁମାର ଦାସ, କୈଳାସ ପରିଡା, କୈଳାସ ଯାଦବ, ରବୀନ୍ଦ୍ର ମହାକୁଡ, ପୂର୍ଣ୍ଣଚନ୍ଦ୍ର ଦାସ, ରାଜେନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ପ୍ରଧାନ ଶିକ୍ଷକ ରଘୁନାଥ ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଆଗରେ ଭଞ୍ଜସେନାର ବିକ୍ଷୋଭ



ଭଞ୍ଜସେନା କର୍ମକର୍ତ୍ତାମାନେ ବିକ୍ଷୋଭ କରୁଛନ୍ତି।

ବାରିପଦା,୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଏମ୍‌ପିସି ଜୁନିଅର କଲେଜ ତଥା ମୟୂରଭଞ୍ଜର ଐତିହ୍ୟ ରାଜପ୍ରାସାଦର ପୁନରୁଦ୍ଧାର କାର୍ଯ୍ୟ କରା ନ ଯାଇ ବିପଦସଙ୍କୁଳ କୋଠା ତଳେ ଇ-କ୍ଲାସ ନିର୍ମାଣ ଲାଗି ଟେଣ୍ଡର କରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଥିବା ପ୍ରତିବାଦରେ ପୂର୍ବ ଘୋଷଣା ଅନୁଯାୟୀ ମଙ୍ଗଳବାର ଜିଲାର ଅଗ୍ରଣୀ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ବାରିପଦା ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ବିଶାଳ ଗଣଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ହୋଇ ପ୍ରତିବାଦ ଜଣାଇଥିଲେ। ଏହି ଧାରଣାରେ ଓବସି ଶାଖା ସଭାପତି ରାକେଶ ବେହେରା, ଉପସଭାପତି ସନାତନ ସାହୁ, ପ୍ରଶାନ୍ତ ମହାକୁଡ଼, ରାକେଶ ମହାନ୍ତି, ଯୁବ ସଭାପତି ସୌମ୍ୟରଞ୍ଜନ ମିଶ୍ର, ଯୁବ ଛାତ୍ର ସଂଯୋଜକ ଏସ୍ କେ ରାଜାଖାନ, ଆଦିବାସୀ ଶାଖା ସହର ସଭାପତି ସିଙ୍ଗରାୟ ହେମ୍ବ୍ରମ, ପଙ୍କଜ କରଣ,ଅମିତ କୁମାର,ରତିକାନ୍ତ ଦାସ, ସୋମ୍ୟ ରଞ୍ଜନ ସାହୁ, ସଞ୍ଜୟ ମାହାନା, ସଞ୍ଜୟ ମହାନ୍ତ, ସୁନୀଲ କୁମାର,ଏମ୍‌ଡି ରାଜା,ଶୁଭମ ଦେ, ଆଦିତ୍ୟ ଦାସ, ବାସୁଦେବ ବାରିକ, ମନୋରଞ୍ଜନ ସାହୁଙ୍କ ସମେତ ବହୁ ଯୁବ, ଛାତ୍ର ଉପସ୍ଥିତ ଥିଲେ।

## ଯୁବତୀଙ୍କ ଫଟୋ ପୋଷ୍ଟ କରି ଯୁବକ ଗିରଫ

ପାଟଣା,୬।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋକୁ ଅଶ୍ଳୀଳ ଗୀତ ସଂଯୋଗ କରି ସୋସିଆଲ ମିଡିଆରେ ଭାଇରାଲ ଅଭିଯୋଗରେ ବୁଧବାର ତୁରୁମୁଙ୍ଗା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଗରିପୁର ଗ୍ରାମର ସୁବାଷ ଚନ୍ଦ୍ର ଦାସ(୩୫)। ପୋଲିସ ସୂଚନା ଅନୁଯାୟୀ, ୨୦୨୦ରୁ ଉଭୟ ତାମିଲନାଡୁରେ ରହୁଥିବା ବେଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟଙ୍କ ବିବାହ କୋର୍ଟରେ କରିବାକୁ ଝିଅଙ୍କ ଭାଇ ନିଷ୍ପତ୍ତି ନେଇଥିଲେ ହେଁ ଝିଅ ବିବାହ କରିବାକୁ ବାରଣ କରିଥିଲେ। ଗୋବିନ୍ଦ ରାଗରେ ସୋସିଆଲ ମିଡିଆରେ ଯୁବତୀଙ୍କ ଫଟୋ ପୋଷ୍ଟ କରି ବିଭିନ୍ନ ଅଶ୍ଳୀଳ ଗୀତ ଓ ମନ୍ତବ୍ୟ ଲେଖିଥିଲେ। ଏନେଇ ଯୁବତୀ ତୁରୁମୁଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୨୮/୨୩)ରେ ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଇନ୍ଦ୍ରଜିତ ବେହେରା କହିଛନ୍ତି।

# କଳା ଦିବସ ପାଳିଲା କୁଡ଼ୁମୀ ସେନା




ବିକ୍ଷୋଭରେ ସାମିଲ କୁଡ଼ୁମୀ ସେନାର କର୍ମକର୍ତ୍ତାମାନେ।

ରାଇରଙ୍ଗପୁର,୬।୯
(ମାନସ ମହାନ୍ତି/ମନୋରଞ୍ଜନ ତିରିଆ)

କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୫୦ ସେପ୍ଟେମ୍ବର ୬ରେ କୁଡ଼ୁମୀ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତାରୁ ବାଦ୍ ଦିଆଯାଇଥିଲା। ପୁନର୍ବାର କୁଡ଼ୁମୀମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ ନିମନ୍ତେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କୁଡ଼ୁମୀମାନଙ୍କୁ ପ୍ରତାରଣା କରାଯାଉ ଥିବାରୁ କୁଡ଼ୁମୀ ସମ୍ପ୍ରଦାୟ ପକ୍ଷରୁ ସେପ୍ଟେମ୍ବର ୬କୁ କଳା ଦିବସ ରୂପେ ପାଳନ କରାଯାଇଛି। ଓଡ଼ିଶା କୁଡ଼ୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂ ମହାନ୍ତ, ବିପିନ୍ ବିହାରୀ ମହାନ୍ତ, ଦୁର୍ଗାଚରଣ ମହାନ୍ତ, ପଞ୍ଚୁସ ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ରାଇରଙ୍ଗପୁରସ୍ଥିତ କୁଡ଼ୁମୀ ଭବନ ପରିସରରୁ ଏକ ଶୋଭାଯାତ୍ରା ବାହାରି ବାମନଘାଟୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଥିଲା। ସରକାର ଦାବି ପ୍ରତି ଅଣଦେଖା କଲେ ଆଗାମୀ ଦିନରେ କୁଡ଼ୁମୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ବେଳେ କୁଡ଼ୁମୀ ସେନାର ନିର୍ମଳ କୁମାର ମହାନ୍ତ, ଆଇନଜୀବୀ ବୀରେନ୍ଦ୍ରନାଥ ମହାନ୍ତ, ଦୁଃଶାସନ ମହାନ୍ତ, ଭରତଚନ୍ଦ୍ର ମହାନ୍ତ, ଜଗମୋହନ ମହାନ୍ତ, ସବିତା ମହାନ୍ତ, ପୂର୍ଣ୍ଣିମା ମହାନ୍ତ, ନଳୀନ୍ଦ୍ରନାଥ ମହାନ୍ତ, ବାବୁରାମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖୋଜ ଛାତ୍ର ପୁରୀରୁ ଉଦ୍ଧାର

ତିହିଡ଼ି,୬।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ସାହାପୁର ପଞ୍ଚାୟତ ଅଧୀନ ବଡଲହୁଣିପାଳ ଗ୍ରାମର ପ୍ରୀତିରଞ୍ଜନ କବି(୧୭) ନାମକ ଜଣେ କଲେଜ ଛାତ୍ର ନିଖୋଜ ହେବାର ୫ଦିନ ପରେ ପୁରୀରୁ ଉଦ୍ଧାର ହୋଇଛନ୍ତି। ସେ ପୁରୀରେ ଥିବା ଖବର ପାଇବା ପରେ ତାଙ୍କ ବାପା ଶଶିକାନ୍ତଙ୍କ ସମେତ ଅନ୍ୟ ସଦସ୍ୟ ମଙ୍ଗଳବାର ରାତିରେ ତାଙ୍କୁ ଉଦ୍ଧାର କରି ଘରକୁ ଆଣିଛନ୍ତି। ତେବେ ପ୍ରୀତିରଞ୍ଜନଙ୍କ ପାଖରେ ଥିବା ୪ଶହ ଟଙ୍କା ସରିଯିବାରୁ ସେ ୨ଦିନ ପୁରୀରେ ଅବଢ଼ା ଖାଇ ଭୋକ ମେଣ୍ଟାଇଥିବା ପ୍ରକାଶ କରିଛନ୍ତି। ସେ ଗତ ୩୧ ତାରିଖ ସକାଳେ ସିମୁଳିଆ ସ୍ଥିତ ଏକ କଲେଜକୁ ବସ୍‌ରେ ଯିବା ବେଳେ ଭୁଲବଶତଃ ବାଲେଶ୍ୱରରେ ଓହ୍ଲାଇଥିଲେ। ସେଠାରେ ରାସ୍ତା ନ ପାଇ କିଛି ଲୋକଙ୍କୁ ପଚାରି ପ୍ଲାଟଫର୍ମକୁ ଯାଇଥିଲେ। ଭଦ୍ରକକୁ ଟିକେଟ କରି ଟ୍ରେନରେ ଉଠିଥିଲେ। ମାତ୍ର ଶୋଇପଡ଼ିଥିବାରୁ ଭଦ୍ରକ ପରିବର୍ତ୍ତେ ଖୋର୍ଦ୍ଧାରେ ପହଞ୍ଚିଥିଲେ। ସେଠାରୁ ଭୁବନେଶ୍ୱରରେ ଓହ୍ଲାଇବା ପରିବର୍ତ୍ତେ ପୁରୀ ଚାଲିଯାଇଥିଲେ। ତେବେ କେହି ଫୋନ ନ ଦେବାରୁ ଘରକୁ ଫୋନ କରିପାରି ନ ଥିବା ପ୍ରୀତିରଞ୍ଜନ କହିଛନ୍ତି। ମଙ୍ଗଳବାର ସେ ବେଳାଭୂମିରେ ବୁଲୁଥିବା ବେଳେ ଜଣେ ଫଟୋଗ୍ରାଫରଙ୍କଠାରୁ ମୋବାଇଲ ଆଣି ଘରକୁ ଫୋନ କରି ସେ ପୁରୀରେ ଥିବା କଥା ଖବର ଦେଇଥିଲେ। ଗତ ୧ତାରିଖରେ ପ୍ରୀତିରଞ୍ଜନ ନିଖୋଜ ହେବା ସମ୍ପର୍କରେ ତାଙ୍କ ବାପା ପୀରହାଟ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# 'ପାଲାଗାୟକ ଅମରନାଥ ନାୟକ ଥିଲେ ଅମ୍ଲାନ ପ୍ରତିଭା'

ବାସୁଦେବପୁର,୬।୯(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ପଦ୍ମପୁରଠାରେ ଦୃଷ୍ଟିବାଧିତ ପାଲାଗାୟକ ସ୍ୱର୍ଗତ ଅମରନାଥ ନାୟକଙ୍କ ବାସଭବନରେ ମଙ୍ଗଳବାର ତାଙ୍କ ଏକାଦଶାହ ଦିବସରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ସଭାପତି ତଥା ବୟୋଜ୍ୟେଷ୍ଠ ପାଲାକାର ସନାତନ ପୁରୀଙ୍କ ସଭାପତିତ୍ୱରେ ବରିଷ୍ଠ ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ପାଲାଗାୟକ ବନବିହାରୀ ସାହୁ, ନୀଳକଣ୍ଠ ପାତ୍ର, ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ବାରିକ, ସସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିବା ସହ ପାଲା ଜଗତ ପାଇଁ ସେ ଥିଲେ ଜଣେ ଅମ୍ଲାନ ପ୍ରତିଭା ବୋଲି ମତ ରଖିଥିଲେ। ସେହିପରି ସନ୍ଧ୍ୟାରେ ଶ୍ରୀଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଭଦ୍ରକ-ବାଲେଶ୍ୱର ଜିଲା ସଭାପତି ରାଜକିଶୋର ନାୟକ, ସମ୍ପାଦକ ଚନ୍ଦ୍ରଶେଖର ପାଢ଼ୀ, ଉପସଭାପତି ବିଜୟ ଘୋଷ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସମ୍ପାଦକ କପିଳନାଥ ଶର୍ମା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସ୍ମୃତିସଭାରେ ବହୁ ସଂଖ୍ୟାରେ ପାଲାକାର, ସଙ୍ଗୀତ କଳାକାରମାନେ ଯୋଗ ଦେଇଥିଲେ।

# ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟିକା

ଯୋଡ଼ା,୬।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ଅନ୍ତର୍ଗତ ୨୮ନଂ. ଜୋନ୍‌ର ୫ ପଞ୍ଚାୟତରେ ବୁଧବାର ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗଦେଇ ସ୍କୁଲ ଗୃହ ମରାମତି, କଂକ୍ରିଟ ରାସ୍ତା ନିର୍ମାଣ, ମନ୍ଦିରର ଉନ୍ନତି ସମେତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସମୟରେ ସ୍ଥାନୀୟ ଆସେଇଁକଲା ସରପଞ୍ଚ ଭାରତୀ ବବଙ୍ଗା, ସନ୍ତୋଷ ଓରାମ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ନାଏକ, କଣ୍ଡରା ପଞ୍ଚାୟତରେ ସରପଞ୍ଚ ରିନା ନାଏକ, ସମିତି ସଭ୍ୟ ସୋମନାଥ ମହାନ୍ତ, ନନ୍ଦକିଶୋର ମହାନ୍ତ, ଚମକପୁର୍‌ରେ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ରତୀ ରଞ୍ଜନ ମହାନ୍ତ, ଆଶିଷ ମହାନ୍ତ, ନିର୍ମଳ ବାରିକ, ଦୀପ୍ତି ରଞ୍ଜନ ମହାନ୍ତ, ମୋହିତ ନାଏକ, ଅଗନୁଚରଣ ନାଏକ ଉପସ୍ଥିତ ଥିଲେ। ଦେଓଝର ପଞ୍ଚାୟତରେ ସମିତି ସଭ୍ୟ ଲକ୍ଷ୍ମୀ ମୁଣ୍ଡା, ଲକ୍ଷ୍ମଣ ନାଏକ, ଯୋଗେନ୍ଦ୍ର ବେହେରା ଓ ବିରିକଳ ପଞ୍ଚାୟତରେ ସରପଞ୍ଚ ମୁଖ ନାଏକ, ସମିତିସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ପିଣ୍ଟୁ ପଣ୍ଡାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଧାୟକ ପାଣ୍ଠିରୁ ୬୦ଲକ୍ଷ ଟଙ୍କା ଅନୁଦାନରେ ଉକ୍ତ ୫ ପଞ୍ଚାୟତ ଗୁଡ଼ିକରେ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟ କରାଯିବ। ଯୋଡ଼ା ବ୍ଲକ୍ ଛାତ୍ର ବିଜେଡି ସଭାପତି ଯୁଧିଷ୍ଠିର ପଲେଇ, ଏସ୍‌ଡିସି ସଦସ୍ୟ ମଙ୍ଗଳ ମୁଣ୍ଡା, ଯୋଡ଼ା ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ ନାଏକ ପ୍ରମୁଖ ପରିଚାଳନା କରିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଉପସ୍ଥିତ ଚମ୍ପୁଆ ବିଧାୟିକା ଓ ଅନ୍ୟମାନେ।

## ହୃଦ୍‌ଘାତରେ ସାମାଜିକକର୍ମୀଙ୍କ ପରଲୋକ

ଭଦ୍ରକ,୬।୯(ସନାତନ ରାଉତ)- ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ଆଡ଼ିଆ ପଞ୍ଚାୟତ ପଦୀ ଗ୍ରାମର ଅନୁଷ୍ଠାନପ୍ରେମୀ, ପରୋପକାରୀ, ମେଳାପି ତଥା ସାମାଜିକକର୍ମୀ ମହେନ୍ଦ୍ର ବାରିକ(୬୫)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସୋମବାର ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଭଦ୍ରକ ପଠାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ଯିବା ରାସ୍ତାରେ ଭୋର ୪ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚ ମୀନାକୁମାରୀ ଜେନା, ପୂର୍ବତନ ସରପଞ୍ଚ ବିଜୟ ଜେନା, ପୂର୍ବତନ ସିଆର୍‌ସିସି କାର୍ତ୍ତିକ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ବଢୁଛି ଜଙ୍ଗଲୀ ଛତୁର ଆଦର

ଚମ୍ପୁଆ,୬।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ଜଙ୍ଗଲୀ ଛତୁର ଆଦର ବଢ଼ିବାରେ ଲାଗିଛି। ଏପରିକି ଗ୍ରାହକମାନଙ୍କର ଛତୁର ଆବଶ୍ୟକତା ଏହି ଜଙ୍ଗଲୀ ଛତୁ ପୂରଣ କରିବା ସହ ଅଳ୍ପ ଅର୍ଥରେ ସୁସ୍ୱାଦ ଛତୁ ପାଉଛନ୍ତି। ବର୍ତ୍ତମାନ ବଜାରରେ ଏକ ପ୍ରକାର ବଡ଼ ଛତୁ କୁହାଯାଉଥିବା ଜଙ୍ଗଲୀ ଛତୁ ବିକ୍ରି ବୃଦ୍ଧି ପାଇଛି। କେତେ ଲୋକଙ୍କ ପାଇଁ ଏହି ଛତୁ ସୀମିତ ସମୟରେ ରୋଜଗାରର ପନ୍ଥା ପାଲଟିଛି। ଚମ୍ପୁଆ ବଜାରରେ ଦୈନନ୍ଦିନ ଏହି ଛତୁର ଆଦର ବୃଦ୍ଧି ସହ ବିକ୍ରି ମଧ୍ୟ ବୃଦ୍ଧି ପାଇଛି। ସାଧାରଣତଃ ଜଙ୍ଗଲ, ଜମି ହିଡ଼ ଓ ଝଟାବୁଦା ସ୍ଥାନରେ ଏହା ପ୍ରଚୁର ପରିମାଣରେ ଫୁଟୁଥିବା ବେଳେ ଗ୍ରାମବାସୀ ଏହାକୁ ସଂଗ୍ରହକରି ଭାଗ ୨୦ରୁ ୫୦ ଟଙ୍କା ମଧ୍ୟରେ ବିକ୍ରିକରି ବେସ ଦୁଇପଇସା ରୋଜଗାର କରୁଛନ୍ତି। ଫୁଟିଲା ଛତୁ ଅପେକ୍ଷା କଢ଼ଛତୁର ଚାହିଦା ଅଧିକ ରହିଥିବା ବେଳେ ବିଭିନ୍ନ ଛକ, ପରିବା ବଜାର ଓ ରାସ୍ତାକଡ଼ରେ ଏହା ବିକ୍ରି ହେଉଛି। ଛତୁ ବିକ୍ରେତାଙ୍କ କହିବା ଅନୁଯାୟୀ, ବିଭିନ୍ନ ସମୟରେ ମିଳୁଥିବା ଛତୁ ଅପେକ୍ଷା ଏହି ଛତୁର ଆଦର ଅଧିକ ରହିଥାଏ। ଝଡ଼ିବର୍ଷା ପରେ ଟାଣଖରା ହେଲେ ଏହି ଛତୁ ଫୁଟିବା ଆରମ୍ଭ ହୋଇଥାଏ। ରୁଟୁକା, ବିହୁଡୁଣୀ, ବାଲିଛତୁ, କାଠଛତୁ ଆଦି ବିଭିନ୍ନ ସମୟରେ ଫୁଟୁଥିବା ବେଳେ ଏହି ଛତୁକୁ ଗ୍ରାହକମାନେ ପ୍ରାଥମିକତା ଦେଇଥାନ୍ତି। କମ୍ ଅର୍ଥରେ ଏହା ସ୍ୱାଦିଷ୍ଟ ବ୍ୟଞ୍ଜନ ରୂପେ ବ୍ୟବହାର କରାଯାଇପାରିଥାଏ।



ମହିଳାମାନେ ରାସ୍ତାକଡ଼ରେ ବସି ଛତୁ ବିକ୍ରି କରୁଛନ୍ତି।

## ବନ୍ଧୁକ ଦେଖାଇ ଟଙ୍କା ଲୁଟ

ବୈଶିଙ୍ଗା,(ରତନ ଦାଶ)- ବୈଶିଙ୍ଗା ଥାନା ଅଞ୍ଚଳରେ ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୩୩,୩୨୬ ନଗଦ ଟଙ୍କା ସମେତ ଟାବଲେଟ ଓ ବାୟୋମେଟ୍ରିକ ସ୍କାନରକୁ ଲୁଟିନେଇଛନ୍ତି। ସୂଚନା ଅନୁଯାଇ ସ୍ଥାନୀୟ ଅଞ୍ଚଳର ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ମାହାଙ୍ଗା ଥାନା ଅଞ୍ଚଳର ହାଡ଼ିଦାସ ସ୍ୱାଇଁ ମଙ୍ଗଳବାର ସନ୍ଧ୍ୟାରେ ଆଖପାଖ ଗ୍ରାମରୁ ଋଣ ଟଙ୍କାର କିସ୍ତି ସଂଗ୍ରହ କରି ଅଁଳାରୁ ବୈଶିଙ୍ଗା ଅଫିସ ଆସୁଥିଲେ। ଆମ୍ବଗଡ଼ିଆ -ଖଡ଼ିକାପଦା ରାସ୍ତାର ଏକ ନିଛାଟିଆ ଜାଗାରେ ହଠାତ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ଲୁଟ୍ କରିଥିଲେ।

# ୨ ଘଣ୍ଟା ବର୍ଷା: ବୁଡ଼ିଲା ବାଲେଶ୍ୱର ସହର

**ବାଲେଶ୍ୱର, ୬।୯ (ମାନସ ବିଶ୍ୱାଳ)**


ବସ୍‌ଷ୍ଟାଣ୍ଡରୁ ରେମୁଣା ଗୋଲେଇ ମୁଖ୍ୟରାସ୍ତାରେ ବର୍ଷା ଜଳ।

ବୁଧବାର ଭୋର ସମୟରେ ହୋଇଥିବା ଦୁଇ ଘଣ୍ଟା ଭୀଷଣ ବର୍ଷାରେ ବାଲେଶ୍ୱର ସହର ତଥା ଆଖପାଖ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ମୁଖ୍ୟ ରାସ୍ତାପାର୍ଶ୍ୱ ଅଞ୍ଚଳ ସମେତ ତଳିଆ ଅଞ୍ଚଳ କିଛି ସମୟ ଧରି ଜଳାର୍ଣ୍ଣବ ହୋଇପଡ଼ିଥିଲା। ଏମିତିକି ଦୋକାନ ସମେତ ଲୋକଙ୍କ ଘରେ ମଧ ପାଣି ପଶିଯାଇଥିଲା। ବର୍ଷା ପାଣି ନିଷ୍କାସନ କରିବାକୁ ଲୋକେ ନାକେଦମ୍ ହୋଇପଡିଥିଲେ। ପୌରପାଳିକା ପକ୍ଷରୁ କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ହେଉଥିଲେ ବି ସହରର ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ପ୍ରତି କେହି ଗୁରୁତ୍ୱ ଦେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ପୌରାଞ୍ଚଳରେ ବର୍ଷା ଦିନରେ ଜଳ ନିଷ୍କାସନ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ବାଲେଶ୍ୱର ଜିଲାରେ ହାରହାରି ୪୬.୦୮ମି.ମି. ବର୍ଷା ହୋଇଥିବା ରେକର୍ଡ଼ ହୋଇଛି। ବାହାନଗା ବ୍ଲକରେ ସର୍ବାଧିକ ୯୫ ମି.ମି. ବର୍ଷା ହୋଇଥିବା ବେଳେ ବସ୍ତାରେ ସର୍ବନିମ୍ନ ୪ ମି.ମି. ବର୍ଷା ହୋଇଛି। ସେହିପରି ସଦର ବ୍ଲକରେ ୮୮ ମି.ମି., ରେମୁଣାରେ ୫୫ ମି.ମି., ଭୋଗରାଇରେ ୧୦ ମି.ମି., ଜଳେଶ୍ୱରରେ ୨୩ ମି.ମି., ବାଲିଆପାଳରେ ୬ ମି.ମି., ନୀଳଗିରିରେ ୬୬ ମି.ମି., ସୋର ୫୯ ମି.ମି., ସିମୁଳିଆରେ ୬୨ ମି.ମି., ଖଇରାରେ ୩୯ ମି.ମି., ଔପଦାରେ ୪୬ ମି.ମି. ବର୍ଷାର ରେକର୍ଡ଼ କରାଯାଇଥିବାର ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି।

ଚଳିତବର୍ଷ ବାଲେଶ୍ୱର ସହରର ପ୍ରମୁଖ ମହାନାଳଗୁଡ଼ିକର ପୁନରୁଦ୍ଧାର ପାଇଁ ନୂତନ ଯୋଜନା ପ୍ରସ୍ତୁତି କଥା କୁହାଯାଉଥିଲେ ବି ତାହା କେବେ ଆରମ୍ଭ ହେବ ସେ ନେଇ କୌଣସି ତଥ୍ୟ ମିଳୁ ନ ଥିବାରୁ ଲୋକେ ପୌରପାଳିକାକୁ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ପାଇଁ ଦାୟୀ କରିଛନ୍ତି। ତେବେ ବର୍ଷାଦିନକୁ ଆଖି ଆଗରେ ରଖି ପୌରପାଳିକା ପକ୍ଷରୁ ସମସ୍ତ ଡ୍ରେନର ସଫେଇ ମଧ କରାଯାଇଥିଲା। ପୂର୍ବରୁ ଦୁଇ ତିନି ଥର ଲଗାଣ ବର୍ଷାରେ ବି ସହରର ଉଦ୍‌ବୃତ୍ତ ବର୍ଷାଜଳ ସାମାନ୍ୟ ଭାବେ ନିଷ୍କାସିତ ହୋଇଯାଇଥିଲା। ମାତ୍ର ବୁଧବାର ଭୋର ସମୟରେ ୨ ଘଣ୍ଟାର ବର୍ଷାରେ ବଦଳି ଯାଇଥିଲା ସହରର ମାନଚିତ୍ର। ବିଶେଷ କରି ରେମୁଣା ଗୋଲେଇରୁ ସହରକୁ ପ୍ରମୁଖ ପ୍ରବେଶ ରାସ୍ତା ସୁରଜ ହୋଟେଲଠାରୁ ନୂଆସାହି ଛକ ପର୍ଯ୍ୟନ୍ତ ବର୍ଷା ପାଣିରେ ବୁଡ଼ିଯାଇଥିଲା। ନୂଆସାହି ବ୍ୟତୀତ ବାଲେଶ୍ୱର ସହରର ପ୍ରାୟ ୨୦ଟି ୱାର୍ଡ଼ର ତଳିଆ ଅଞ୍ଚଳ ଓ ସହର ସଂଲଗ୍ନ କେତେକ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷ କରି କଂଗ୍ରେସ ଅଫିସ ଗଳି, ବୈରାମ ନଗର, ସୁଏଲପୁର, ଜିଲା ସ୍କୁଲ ରାସ୍ତା, ପଟ୍ଟୁଁଆପଦା, ବିସି ସେନ ରୋଡ, ଡିଫେନ୍ସ

### ଲୋକେ ନାକେଦମ୍

କଲୋନୀ ରାସ୍ତା, ସେଣ୍ଟ୍ରାଲ ସ୍କୁଲ ପରିସର ଆଦି ଅଞ୍ଚଳରେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ବିଧାୟକ ସ୍ୱରୂପ କୁମାର ଦାସ, ପୌର ଉପାଧ୍ୟକ୍ଷ କୈଳାସ ସେଠୀ, କାଉନସିଲର କାର୍ତ୍ତିକ ସାହୁ ପ୍ରମୁଖ ସକାଳୁ ସକାଳୁ ବିଭିନ୍ନ ଅଞ୍ଚଳ ପରିଦର୍ଶନ ସହ ଜଳ ନିଷ୍କାସନ ପାଇଁ ଉଦ୍ୟମ କରିଥିଲେ। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବାଲେଶ୍ୱର ଉପଜିଲାପାଳଙ୍କ ଆଲୋଚନା ପରେ ଓଡ୍ରାଫ ପକ୍ଷରୁ ମୋଟର ସାହାଯ୍ୟରେ ବିଭିନ୍ନ ଅଞ୍ଚଳରେ ଘରେ ଅଥବା ଦୋକାନରେ ଜମି ରହିଥିବା ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଥିଲା। ପୌରପାଳିକା ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁ ପୂର୍ବାପେକ୍ଷା ଜଳବନ୍ଦୀ ସମସ୍ୟା କମିଛି ବୋଲି ବିଧାୟକ ଦାସ କହିଥିଲେ। ଆଗାମୀ ଦିନରେ ବାଲେଶ୍ୱର ସହରର ୨୦ବର୍ଗ କି.ମି. ପରିମିତ ଅଞ୍ଚଳର ଜଳ ନିଷ୍କାସନ ସହିତ ଆଖପାଖ ଅଞ୍ଚଳରୁ ବର୍ଷା ଜଳ କେମିତି ସହର ମଧ୍ୟକୁ ନ ଆସିବ ସେ ସମ୍ପର୍କରେ ଏକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେ ସୂଚନା ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ବିବେକାନନ୍ଦ


@ମନୋଜ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ୨ ଅନାଥ ଭଉଣୀଙ୍କୁ ସହାୟତା

**ଭଦ୍ରକ(ସନାତନ ରାଉତ)/ଧାମନଗର (ସନ୍ତୋଷ କୁମାର ମହାପାତ୍ର),୬।୯**

ଭଦ୍ରକ ଜିଲା ଧାମନଗର ବ୍ଲକ୍ ସାହସପୁର ପଞ୍ଚାୟତ ମାଝୀସାହିର ଦୁଇ ଅନାଥ ଭଉଣୀଙ୍କୁ ବିଶ୍ୱାସ ଫାଉଣ୍ଡେଶନ ପକ୍ଷରୁ ସହାୟତା କରାଯାଇଛି। ଆଗରପଡ଼ା ଥାନା ଓଡ଼ଙ୍ଗ ପଞ୍ଚାୟତର ଯୁବକମାନଙ୍କୁ ନେଇ ଗଢ଼ି ଉଠିଥିବା ଉକ୍ତ ସାମାଜିକ ସଂଗଠନ ନିରାଶ୍ରୟଙ୍କୁ ସାହାଯ୍ୟ କରି ଆସିଛି। ସୋସିଆଲ ମିଡିଆରୁ ୨ ଭଉଣୀଙ୍କ ବିଷୟରେ ଜାଣିବା ପରେ ଫାଉଣ୍ଡେଶନର ସଭାପତି ଜିତେନ୍ଦ୍ର ଜେନା, ଅକ୍ଷୟ ବାରିକ, ରତନ ମିଶ୍ର, ପ୍ରଶାନ୍ତ ନାୟକ, ନିରଞ୍ଜନ ବାରିକ, କୀର୍ତ୍ତିଶଙ୍କର ମହାନ୍ତି ପ୍ରମୁଖ ସୋମବାର ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପ୍ରକାଶଥାଉକି, ଉକ୍ତ ଦୁଇଭଉଣୀଙ୍କ ମା' ସେବତୀ ମାଝୀ ପକ୍ଷାଘାତରେ ଆକ୍ରାନ୍ତ ହୋଇ ୨ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ବାପା ଶରତ ମାଝୀ ଗତ ୨ ମାସ ତଳେ ହୃଦ୍‌ଘାତରେ ଚାଲିଗଲେ। ମା'ବାପାଙ୍କ ମୃତ୍ୟୁ ପରେ ଭଙ୍ଗା ଦଦରା ଚାଳଛପର ଘରେ ଦୁଇ ଭଉଣୀ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ବଡ଼ଝିଅ ସ୍ୱାଗତିକା ନର୍ସିଂ ପଢୁଥିବା ବେଳେ ମା'ବାପା ଚାଲିଯିବା ପରେ ଟେଲରିଂ କରୁଥିବା ବେଳେ ସାନଭଉଣୀ ସାଗରିକା ପାଠପଢ଼ା ଛାଡ଼ି ଟ୍ୟୁସନ କରି ଦୁଇ ଭଉଣୀ ଚଳୁଛନ୍ତି। ସେହିପରି ଅସହାୟ ଏହି ୨ଭଉଣୀଙ୍କୁ ସୋମବାର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍‌ର ସହକାରୀ ଶିକ୍ଷାଧିକାରୀ(ଏବିଇଓ) ତଥା ଧାମନଗର ଅଞ୍ଚଳର ଶିକ୍ଷାବିତ୍, ସାହିତ୍ୟିକ ହେମେନ୍ଦ୍ର ନାଥ ମହାନ୍ତି ଭେଟି ଆର୍ଥିକ ସାହାଯତା ପ୍ରଦାନ କରିଛନ୍ତି।


ଅନାଥ ଦୁଇ ଭଉଣୀଙ୍କ ସହ ଫାଉଣ୍ଡେଶନର କର୍ମକର୍ତ୍ତା।

# ପ୍ରିନ୍ସ କଲେଜରେ ସ୍ୱାଗତ ଉତ୍ସବ



ସ୍ୱାଗତ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବାରିପଦା,୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦାସ୍ଥିତ ପ୍ରିନ୍ସ କଲେଜରେ ଚଳିତବର୍ଷ ଗୁରୁ ଦିବସ ଓ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ରାମନଗର ମୁଖ୍ୟ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। କଲେଜର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ ଚିତ୍ତରଞ୍ଜନ ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସମେତ ସଂସ୍କାରୀ ଏବଂ ନୀତିବାନ ହେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଅଧାପିକା ଏମ୍.ଏନ୍. ନାଜ, ସ୍ୱାଧୀନତା କର, ଭାଗ୍ୟଶ୍ରୀ କର୍ମକାର, ଶୁଭଲକ୍ଷ୍ମୀ ମହାପାତ୍ର, ଅଧାପକ ଅନନ୍ତ ନାରାୟଣ ପତି, ସମୀର ପଣ୍ଡା, ପୂର୍ଣ୍ଣେନ୍ଦୁ ପାଲ, ରବୀନ୍ଦ୍ର ନାଥ ସିଂହ ପ୍ରମୁଖ ଉଦ୍‌ବୋଧନ ଦେବା ସହିତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷା ଜ୍ୟୋତିପୁଷ୍ପା ଦାସ ଉପସ୍ଥିତ ରହି ଆଧୁନିକ ଶିକ୍ଷାପ୍ରଣାଳୀରେ ନିଜକୁ କିପରି ଖାପ ଖୁଆଇବାକୁ ହେବ ସେ ନେଇ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ପ୍ରିନ୍ସ +୨ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଫୁଲତୋଡ଼ା ଏବଂ ଉପହାର ଦେଇ ସାଗତ କରିଥିଲେ। ୫୬୮ ନମ୍ବର ରଖି ଚଳିତବର୍ଷ +୨ ବିଜ୍ଞାନ ପରୀକ୍ଷାରେ ପ୍ରିନ୍ସ କଲେଜର ଛାତ୍ର ରୁଦ୍ରନାରାୟଣ ଭୋଇ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହିତ ମୟୂରଭଞ୍ଜ ଜିଲାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବାରୁ କଲେଜ ପକ୍ଷରୁ ତାଙ୍କୁ ଏହି ଉତ୍ସବରେ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ରୁଦ୍ରନାରାୟଣଙ୍କ ଉଚ୍ଚଶିକ୍ଷା ନିମନ୍ତେ ୫୦ହଜାର ଟଙ୍କାର ଚେକ୍ କଲେଜ ପକ୍ଷରୁ ପ୍ରଦାନ କରାଯାଇଥିଲା। ଅଧାପିକା କୀର୍ତ୍ତିଦୀପ୍ତି ଦତ୍ତ ଏବଂ ବରିଷ୍ଠ କର୍ମଚାରୀ ପ୍ରଶାନ୍ତ ଦତ୍ତଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ କର୍ମଚାରୀ ଦିଲ୍ଲୀପ କୁମାର ମହାନ୍ତି, ମୃତ୍ୟୁଞ୍ଜୟ ଦାସ, ସୁଜିତ ଦାସ, ଦିନେଶ ବେହେରା ଏବଂ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭୁଶୁଡ଼ିଲା ୪୦ବର୍ଷର ବେଗୁନିଆ ପୋଲ

**ନୀଳଗିରି, ୬।୯(ପ୍ରଶାନ୍ତ ବିଶ୍ୱାଳ)**

### ୨୫ ଗାଁକୁ ଯାତାୟାତ ବ୍ୟାହତ

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ବେଗୁନିଆ ପଞ୍ଚାୟତରେ ମଙ୍ଗଳବାର ରାତିରେ ତୁହାକୁ ତୁହା ବର୍ଷା କାରଣରୁ ୪୦ବର୍ଷର ପୁରୁଣା ପୋଲ ଭୁଶୁଡ଼ି ପଡିଛି। ଫଳରେ ଏହି ପୋଲ ଉପରେ ନିର୍ଭରଶୀଳ ୨୫ଖଣ୍ଡ ଗାଁକୁ ଯାତାୟାତ ବ୍ୟାହତ ହୋଇଛି। ଲୋକେ ଗାଡିମୋଟରରେ ଅଧିକ ୧୫ କି.ମି. ବୁଲି ବୁଲି ଯାଉଛନ୍ତି। ଉକ୍ତ ପୋଲ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଆସୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଖୁବ୍‌ଶୀଘ୍ର ପୋଲ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏହି ଖବର ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଜାଣିବା ପରେ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିବା ସହିତ ଜନସାଧାରଣ କିପରି ଯାତାୟାତ କରିପାରିବେ ସେଥିପାଇଁ ଜିଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ଉକ୍ତ ପୋଲର ଅବସ୍ଥା ଉପଲବ୍ଧି କରି ଏହାର ନିର୍ମାଣ ପାଇଁ ପୂର୍ବରୁ ସ୍ଥାନୀୟ ବିଧାୟକ ସରକାରଙ୍କଠାରେ ନିବେଦନ କରିଥିଲେ। ଗତ ଅଗଷ୍ଟ ୨୧ତାରିଖରେ ସରକାରଙ୍କ ପକ୍ଷରୁ ପ୍ରକଳ୍ପ ମଞ୍ଜୁର ହୋଇ ଏବେ ଡିପିଆର ପ୍ରସ୍ତୁତି ଚାଲିଛି। ଖୁବ୍‌ଶୀଘ୍ର ପ୍ରଶାସନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରି ଏହାର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହେବ ବୋଲି ସୂଚନା ଦେଇଥିଲେ।


ଭୁଶୁଡ଼ିଥିବା ପୋଲ।

# ରାଧାକୃଷ୍ଣ ବେଶରେ ବୁଲିଲେ କୁନି କୁନି ଛାତ୍ରୀଛାତ୍ର

**ବାଲେଶ୍ୱର(ମାନସ ବିଶ୍ୱାଳ)/ ଖଇରା,(ଉତ୍କଳବନ୍ଧୁ ପଣ୍ଡା)/ ଭୋଗରାଇ(ପ୍ରଦୀପ ଦାସ), ୬।୯**

ବାଲେଶ୍ୱର ସହର ସମେତ ଜିଲାର ପୁରପଲ୍ଲୀରେ ବୁଧବାର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ଓଟି ରୋଡ଼ର ଲକ୍ଷ୍ମୀନାରାୟଣ ମନ୍ଦିର, ରାଜାବଗିଚାର ରାଧାକୃଷ୍ଣ ମନ୍ଦିର ସମେତ ମୋତିଗଞ୍ଜ, ମଣ୍ଡଳବଜାର ଆଦି ଅଞ୍ଚଳର ରାଧାକୃଷ୍ଣ ମନ୍ଦିରରେ ପୂଜା ଆରମ୍ଭ ହୋଇଥିଲା। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ କୃଷ୍ଣବେଶ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମାଣିଖମ୍ବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠା ଉତ୍ସବ ଏବଂ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳିତ ହୋଇଛି। ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନଚାର୍ଯ୍ୟ ଜୟନ୍ତ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ପିଲାମାନେ ରାଧାକୃଷ୍ଣ ବେଶରେ ଗ୍ରାମ ପରିକ୍ରମା କରିଥିଲେ। ପରେ ଗ୍ରାମର ଆରାଧ ଦେବତା ଶ୍ୟାମରାଇ ମନ୍ଦିରକୁ ଯାଇ ପୁଜାର୍ଚ୍ଚନା କରିଥିଲେ। ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପିଲାମାନେ ରାଧାକୃଷ୍ଣ ବେଶରେ ନିକଟସ୍ଥ ଗାୟତ୍ରୀ ମନ୍ଦିରକୁ ଯାଇ ପୁଜାର୍ଚ୍ଚନା କରିଥିଲେ । ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀ କୃଷ୍ଣ ମହିମା ବର୍ଣ୍ଣନା କରିଥିଲେ। ଭୋଗରାଇ ଥାନାଛକ ହେଲିପ୍ୟାଡସ୍ଥିତ ଓଡ଼ିଶା ବ୍ରିଗେଡ୍ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ବର୍ଣ୍ଣାଢ଼୍ୟ ଶୋଭାଯାତ୍ରରେ ଗାଁ ଦାଣ୍ଡ ପରିକ୍ରମା କରି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।


ଅଲିପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ରାଧାକୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

# କୁଡ଼ମି ସେନା ପକ୍ଷରୁ ବିକ୍ଷୋଭ

**କେନ୍ଦୁଝର,୬।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କୁଡ଼ମି ସେନା ପକ୍ଷରୁ ଏକ ବିରାଟ ପଟୁଆରରେ ସହ ସହ କୁଡ଼ମି ସମ୍ପ୍ରଦାୟର ଲୋକମାନେ ଆସି କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୯୫୦ ସେପ୍ଟେମ୍ବର ୬ ପୂର୍ବରୁ କୁଡ଼ମିମାନେ ଆଦିବାସୀ ଥିଲେ ଏଣୁ ପୁର୍ନବାର ଆଦିବାସୀ ମାନ୍ୟତା ପ୍ରଦାନ ଦାବିରେ ନାରାବାଜି କରିଥିଲେ। ଓଡ଼ିଶା କୁଡ଼ମୀ ସେନା କେନ୍ଦୁଝର ପକ୍ଷରୁ ଅନୁଷ୍ଠିତ ସଭାରେ ବିନା ନୋଟିଫିକେସନରେ କୁଡ଼ମୀମାନଙ୍କୁ ଆଦିବାସୀ ମାନ୍ୟତାରୁ ବାଦ ଦିଆଯାଇଥିବା କହିଥିଲେ। ପାରମ୍ପାରିକ ନୃତ୍ୟ ଓ ମାଦଳ ବଜାଇ ନାଚଗୀତ କରି ପ୍ରଦର୍ଶନ କରିଥିଲେ। କୁଡ଼ୁମି ବିକାଶ ପରିଷଦ ଗଠନ, ଶିକ୍ଷା, ଚାକିରି, ରାଜନୀତି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ପ୍ରଦାନି, ପୁନଃ ଏସ୍‌ଟି ସୂଚୀରେ ସାମିଲ କରିବା ଆଦି ଦାବିରେ ଓଡ଼ିଶା କୁଡ଼ମୀ ସେନା ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ଜନ୍ମାଷ୍ଟମୀ ପାଳିଲେ ଛାତ୍ରୀଛାତ୍ର

**କେନ୍ଦୁଝର(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)/ଯୋଡ଼ା(ମାନସ ମହାନ୍ତି)/ଚମ୍ପୁଆ(ମହେଶ୍ୱର ଦାସ)/ହାଟଡ଼ିହୀ(ଶୁଭକାନ୍ତ ନାୟକ)/ଢେଙ୍କିକୋଟ(ନୀଳମଣି ମଣ୍ଡଳ),୬।୯**



କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁନିଲ ରଥ ଉପସ୍ଥିତ ରହି କୃଷ୍ଣଙ୍କ ବାଲ୍ୟଲୀଳା ସମ୍ବନ୍ଧରେ ଶିଶୁମାନଙ୍କୁ କହିଥିଲେ। ଶିଶୁବାଟିକାର ଶିଶୁମାନଙ୍କ ଦ୍ୱାରା କୃଷ୍ଣବେଶ ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାଳୟର ୧୪୦ ଜଣରୁ ଉର୍ଦ୍ଧ୍ୱ ଶିଶୁ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆଚାର୍ଯ୍ୟା ଆଚାର୍ଯ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୋଡ଼ା ବ୍ଲକ୍ ବିଲେଇପଦା ସରସ୍ୱତୀ ଶିଶୁ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିରୂପେ ବିଲେଇପଦା ବିଦ୍ୟାଶକ୍ତି ନ୍ୟାସର କାର୍ଯ୍ୟକର୍ତ୍ତା ରାଜେଶ୍ୱରୀ ନାଗରାଜନ, ସମ୍ମାନିତ ଅତିଥିରୂପେ ଦୀପ୍ତିମୟୀ ପ୍ରଧାନ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବିଭାଗ ପକ୍ଷରୁ କୃଷ୍ଣ ବେଶ, ଭାଗବତ ପଠନ, କୃଷ୍ଣ ଫଟୋ ଚିତ୍ରାଙ୍କନ, ଗୀତା ପାଠ, ଗୀତା ଭାବାର୍ଥ ବୋଧ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଚମ୍ପୁଆ ସଦର ମହକୁମାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମୁଖ୍ୟ ଅତିଥିଭାବେ ପ୍ରବଚକ ଭାବଗ୍ରାହି ମହାନ୍ତ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତାନ୍ତ ଓ ଅବତାର ବିଷୟରେ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ତତ୍ତ୍ୱାବଧାନରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ରମାକାନ୍ତ ପ୍ରଧାନ, ଗବେଷକ ଡମ୍ବରୁ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

ହାଟଡ଼ିହୀ ସରସ୍ୱତୀ ଶିଶୁମନ୍ଦିରରେ ଶ୍ରୀ କୃଷ୍ଣଙ୍କ ଜନ୍ମ ତଥା ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ସତ୍ୟନାରାୟଣ କର ଶ୍ରୀ କୃଷ୍ଣଙ୍କ ବାଲ୍ୟ ଜୀବନ ଏବଂ କଂସ ବଦ୍ଧ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶିଶୁମାନଙ୍କୁ ୪ ବର୍ଗରେ ବିଭକ୍ତ କରାଯାଇ ରାଧା କୃଷ୍ଣ ବେଶ ପ୍ରତିଯୋଗିତା ହୋଇଥିଲା। ସ୍ନେହଲତା ପରିଡ଼ା, ବୃନ୍ଦାବତୀ ରାଉତ, ମମତା ପାଢ଼ୀ, ଗୀତାଞ୍ଜଳୀ ଦାଶ, ସନ୍ଧ୍ୟାରାଣୀ ଦେବତା, ଚଞ୍ଚଳା ମିଶ୍ର, ରଶ୍ମୀ ନିରଞ୍ଜନ ନାୟକ, ଖଗେଶ୍ୱର ଜେନା, ବିଷ୍ଣୁ ପ୍ରସାଦ ଜେନା ପ୍ରମୁଖ ଗୁରୁମା, ଗୁରୁଜୀ, ପରିଚାଳନା ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ଢେଙ୍କିକୋଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶ୍ରୀକୃଷ୍ଣ ଓ ରାଧା ବେଶ ହୋଇ ବଜାର, ସାହି ଓ ବସ୍ତି ଭ୍ରମଣ କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗୁରୁଚରଣ ନାୟକ, ସମ୍ମାନୀୟ ଅତିଥିଭାବେ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟିର କୋଷାଧ୍ୟକ୍ଷ ରୁଦ୍ରନାରାୟଣ ମହାନ୍ତ ଯୋଗଦେଇଥିଲେ। ପ୍ରତିଯୋଗିତାକୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ଆଚାର୍ଯ୍ୟ ସେବିକା ସେବକ ସହଯୋଗ କରିଥିଲେ। ଶେଷରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ବୈଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

